# ୨୫

# ମାନବିକ ଅଧିକାର

ମାନବିକ ଅଧିକାର ସମ୍ପର୍କରେ ସବୁଠାରୁ ମୌଳିକ କଥା ହେଲା ଯେ ଏହା କୌଣସି ରାଜନୈତିକ ସାର୍ବଭୌମ କର୍ତ୍ତୃପକ୍ଷ ଦ୍ୱାରା ଆଇନ ପ୍ରଣୟନ ମାଧ୍ୟମରେ ଉପହାର ନୁହେଁ । ଏହି ଅଧିକାର ମାନବିକ ସ୍ଥିତି ସହିତ ଅନ୍ତର୍ନିହିତ । ଏହି ଅଧିକାର ସମ୍ପର୍କରେ କୌଣସି ଆଇନ ପ୍ରଣୟନର ଅର୍ଥ କେବଳ ଏହାକୁ ମାନ୍ୟତା ଦେବା, ସେମାନଙ୍କର କାର୍ଯ୍ୟକାରିତାକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କର ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା । ଏବେଂ ସଭ୍ୟ ସମାଜରେ ଏହି ମୌଳିକ ଅଧିକାରଗୁଡ଼ିକୁ ଉଲଂଘନ କରାଯାଇପାରେ ନାହିଁ । ମାନବିକ ଅଧିକାର ଗୁଡ଼ିକ ସାର୍ବଜନୀନ, ଅବିଭାଜ୍ୟ ଏବଂ ସ୍ୱାବଲମ୍ବୀ ଅଟନ୍ତି ।

ବାସ୍ତବ କ୍ଷେତ୍ରରେ ଏହି ଅଧିକାର ଏକ ସମ୍ମାନାସ୍ପଦ ମାନବିକ ସ୍ଥିତିର ପ୍ରତ୍ୟେକ ବିଭାବକୁ ଅନ୍ତର୍ଭୁକ୍ତ କରିଥାଏ । ଏବଂ ଏହା ପ୍ରତ୍ୟେକ ମଣିଷକୁ ମାନବିକ ପରିବାରର ସମାନ ସଦସ୍ୟ ଭାବରେ ସ୍ୱୀକୃତି ଦେଇଥାଏ । ମାନବିକ ସମ୍ମାନ ହିଁ ମାନବିକ ଅଧିକାରର ସାରବତ୍ତା । ଏହି ବିଭାବର ପ୍ରଶସ୍ତ ବୁଝାମଣା ଏବଂ ବ୍ୟକ୍ତି ସମ୍ମାନର ମୂଲ୍ୟାୟନ ହିଁ ମାନବିକ ଅଧିକାରର ପ୍ରକୃତ ପରିସରର ସଂଜ୍ଞା ନିରୂପଣରେ ସହାୟକ ହୁଏ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଢ଼ିଲା ପରେ ଜଣେ


- ମାନବିକ ଅଧିକାରର ମୌଳିକ ଧାରଣାକୁ ବିଶ୍ଳେଷଣ କରିବାରେ ସକ୍ଷମ ହେବ ।
- ମୁଖ୍ୟ ମାନବିକ ଅଧିକାରକୁ ଶ୍ରେଣୀଭୁକ୍ତ କରିପାରିବ ।
- ମାନବିକ ଅଧିକାରର ପ୍ରଗତିରେ ମୁଖ୍ୟ ମାଇଲଖୁଣ୍ଟିଗୁଡ଼ିକ ବିଷୟରେ ଜାଣିବ ।
- ଭାରତରେ ମାନବିକ ଅଧିକାରର ବିବର୍ତ୍ତନ ବିଷୟରେ ଅବଗତ ହେବ ।
- ମାନବିକ ଅଧିକାରର ପ୍ରଗତି ଓ ସୁରକ୍ଷା ପ୍ରଦାନରେ ଅଣ ସରକାରୀ ଅନୁଷ୍ଠାନମାନଙ୍କର ଭୂମିକା ବିଷୟରେ ଜାଣିପାରିବ ।

## ୨୫.୧ ମାନବିକ ଅଧିକାର ମୌଳିକ ଧାରଣା

ମାନବିକ ଅଧିକାରକୁ ବିଭିନ୍ନ ଶ୍ରେଣୀଭୁକ୍ତ କରିବା ପାଇଁ ଅନେକ ମାର୍ଗ ରହିଛି । ସେଥିରୁ କିଛିଟା ନିମ୍ନରେ ପ୍ରଦତ୍ତ ହେଲା ।

### ୨୫.୧.୧ ପାରମ୍ପରିକ (Classical) :

ବେସାମରିକ ଓ ରାଜନୈତିକ ଅଧିକାର ଏହାର ଅନ୍ତର୍ଭୁକ୍ତ । ଏହା ରାଷ୍ଟ୍ରର କ୍ଷମତାକୁ ସଂକୁଚିତ କରିଥାଏ ।



Notes

### ୨୫.୧.୨ ମୌଳିକ ଅଧିକାର :

ବିଗତ ବର୍ଷମାନଙ୍କରେ ମାନବିକ ଅଧିକାର ଗୁଡ଼ିକର ସଂଖ୍ୟା ଏତେ ଭାବରେ ବଢ଼ିଗଲାଣି ଯେ କିଛି କିଛି ଅଧିକାର ଗୁରୁତ୍ୱ ହରାଇଯିବା ଭଳି ମନେ ହେଉଛି । ଏଣୁ କିଛି ଗୁରୁତ୍ୱପୂର୍ଣ୍ଣ ଅଧକାରକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦିଆଯାଇଛି । କିଛି ଅଧିକାର ଏପରି ଗୁରୁତ୍ୱପୂର୍ଣ୍ଣ ଯେ ଜାତୀୟ ଓ ଆନ୍ତର୍ଜାତୀୟ ନୀତି ନିରୂପଣ ସମୟରେ ସେମାନଙ୍କୁ ଅଗ୍ରାଧିକାର ଦିଆଯାଉଛି । ଯେଉଁ ସବୁ ଅଧିକାର ବ୍ୟକ୍ତିଗତ ସମ୍ମାନକୁ ରକ୍ଷା କରେ ଓ ମଣିଷର ପାର୍ଥିବ ଅବଶ୍ୟକତାକୁ ପୂରଣ କରେ ସେସବୁ ଏହି ମୌଳିକ ଅଧିକାରର ଅନ୍ତର୍ଭୁକ୍ତ ।

### ୨୫.୧.୩. ସାମୂହିକ ଓ ବ୍ୟକ୍ତିଗତ ଅଧିକାର :

ସାଧାରଣ ଭାବେ ଦେଖିବାକୁ ଗଲେ, ଅନେକ ମାନବିକ ଅଧିକାର ହେଉଛି ବ୍ୟକ୍ତିଗତ ଅଧିକାର । କିଛି କିଛି ଅଧିକାରକୁ ସାମୂହକି ଭାବେ ସାବ୍ୟସ୍ତ କରାଯାଏ । ଏହି ପ୍ରକାରର ଅଧିକାର ଜଣେ ବ୍ୟକ୍ତି ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଦସ୍ୟ ହିସାବରେ ଉପଭୋଗ କରେ ।

### ୨୫.୧.୪. ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରୁଷର ଅଧିକାର :

ସ୍ପଷ୍ଟଭାବରେ, ଏହି ବର୍ଗୀକରଣ, ଅଧିକାରର ଐତିହାସିକ ବିବର୍ତ୍ତନ ଯୋଗୁ ହୋଇଅଛି । ବେସାମରିକ ଓ ରାଜନୈତିକ ଅଧିକାର ପ୍ରଥମ ଶ୍ରେଣୀ ଅନ୍ତର୍ଭୁକ୍ତ ଏବଂ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅଧିକାର ଦ୍ୱିତୀୟ ଶ୍ରେଣୀ ଅନ୍ତର୍ଭୁକ୍ତ । ଏବେ କିଛିବର୍ଷ ହେଲା ଶିକ୍ଷାବିତ୍‌ମାନେ ତୃତୀୟ ଶ୍ରେଣୀର ସାମୂହିକ ଅଧିକାର ବିଷୟରେ କହୁଛନ୍ତି । ଶାନ୍ତି ପାଇଁ ଅଧିକାର, ଉନ୍ନୟନ ଅଧିକାର, ଖାଦ୍ୟ ଅଧିକାର ଏବଂ ସୁସ୍ଥ ପରିବେଶର ଅଧିକାର ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ମାନବିକ ଅଧିକାର ପରିବର୍ତ୍ତନଶୀଳ ।

## ୨୫.୨ ମାନବିକ ଅଧିକାରର ଛଅଟି ଲକ୍ଷଣ

ଉପର୍ଯ୍ୟୁକ୍ତ ଆଲୋଚନାରୁ ଆମେ ଏଥିରେ ଉପନୀତ ହେବା ଯେ ସମସ୍ତ ପ୍ରକରର ମାନବିକଅଧିକାରର କିଛିଟା ସମାନ ଲକ୍ଷଣ ରହିଛି । ଆମେ ସେଥିମଧ୍ରୁ ଅତିକମ୍‌ରେ ଛଅଟି ମୌଳିକ ଲକ୍ଷଣକୁ ଚିହ୍ନଟ କରିପାରିବା ।

### ୨୫.୨.୧ ଲୋକମାନେ ଅଧିକାର ଉପଭୋଗ କରନ୍ତି କାରଣ ସେମାନେ ମଣିଷ :

ପ୍ରତ୍ୟେକ ମଣିଷର ସମ୍ମାନର ସହିତ ବଞ୍ଚି ରହିବାର ଅଧିକାର ରହିଛି । ଏବଂ ପ୍ରତ୍ୟେକ ମଣିଷକୁ ଏହି ପ୍ରକାରର ଅଧିକାର ଦେବାପାଇଁ ସମସ୍ତେ ଚେଷ୍ଟିତ । ଜାତି, ରଙ୍ଗ, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତେ ଏହି ଅଧିକାର ଉପଭୋଗ କରିବେ ।

### ୨୫.୨.୨ ମାନବିକ ଅଧିକାର ସାର୍ବଜନୀନ ଅଟେ :

ଜାତି, ବର୍ଣ୍ଣ, ଲିଙ୍ଗ ଓ ରଙ୍ଗ ନିର୍ବିଶେଷରେ ସମସ୍ତେ ମାନବିକ ଅଧିକାର ଲାଭ କରିଥାନ୍ତି । ପ୍ରତ୍ୟେକ ଜାତି, ରଙ୍ଗ, ବର୍ଣ୍ଣ ଓ ଧର୍ମର ଲୋକମାନେ ଏକ ପ୍ରକାରର ଅଧିକାର ସବୁ ଆଡ଼େ ଉପଭୋଗ କରନ୍ତି । ପୃଥିବୀର ଉନ୍ନତ ଓ ଉନ୍ନତ ହେଉଥିବା ଦେଶମାନେ ସେମାନଙ୍କର ସମସ୍ତ ନାଗରିକମାନଙ୍କୁ ଏହି ଅଧିକାରକୁ ଯୋଗାଇ ଦେବା ଦରକାର ।

### ୨୫.୨.୩ ମାନବାଧିକାର ସମସ୍ତ ଲୋକଙ୍କୁ ସମାନଭାବରେ ଦେଖେ :

ମାନବାଧିକାର ଧାରଣା ବିଶ୍ୱାସ କରେ ଯେ ସମସ୍ତ ମଣିଷ ସମାନ ଭାବରେ ଜନ୍ମ ହୋଇଛନ୍ତି ଏବଂ ଅଧିକାର ଓ ସମ୍ମାନ ପାଇବାକୁ ସମାନ ଭାବରେ ହକଦାର । ସେମାନଙ୍କର ସଂସ୍କୃତି ଓ ପରମ୍ପରା, ରାଜନୈତିକ

ପ୍ରରୋଚନା, ଲିଙ୍ଗଗତ ଭାବନା, ସାମାଜିକ ଉତ୍ପତ୍ତି ଏବଂ ପଦମର୍ଯ୍ୟାଦାରେ ବିଭିନ୍ନତାକୁ ସମ୍ମାନ ଦେବା ସହିତ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଦେବା ଦରକାର । ଏଣୁ ସରକାର ଦେଶର ସମସ୍ତ ନାଗରିକମାନଙ୍କ ପାଇଁ ସମାନ ସୁବିଧା ସୃଷ୍ଟି କରିବାରେ ଚେଷ୍ଟିତ ହେବା ଦରକାର ଏବଂ ସମାଜର ମହିଳା, ଶିଶୁ ଓ ଭିନ୍ନକ୍ଷମମାନଙ୍କ ପାଇଁ ଅଧିକ ସୁବିଧାର ବନ୍ଦୋବସ୍ତ କରିବା ଆବଶ୍ୟକ ।

### ୨୫.୨.୪ ଏହି ଅଧିକାର ବ୍ୟକ୍ତିବିଶେଷ ହିଁ ଉପଭୋଗ କରନ୍ତି :

ଏହାର ଅର୍ଥ ହେଲା ଯେ ଏହି ଅଧିକାରଗୁଡ଼ିକ ବ୍ୟକ୍ତି ଓ ରାଷ୍ଟ୍ରର ସମ୍ପର୍କ ବିଷୟରେ କହିଥାଏ । ଫଳତଃ, ସରକାର ଏପରି ଏକ ସମାଜ ସୃଷ୍ଟି କରିବା ଦରକାର ଯେଉଁଥିରେ ଜଣେ ବ୍ୟକ୍ତି ତା'ର ଅଧିକାରକୁ ପୂର୍ଣ୍ଣମାତ୍ରାରେ ସାବ୍ୟସ୍ତ କରିପାରିବ ଓ ଉପଭୋଗ କରିପାରିବ ।

### ୨୫.୨.୫ ମାନବିକ ଅଧିକାର ମାନବିକତାର ମୌଳିକ ନୀତି ଉପରେ ପର୍ଯ୍ୟବସିତ :

ମଣିଷ ବ୍ୟକ୍ତିତ୍ୱର ପରିପ୍ରକାଶ ପାଇଁ ଏବଂ ମାନବିକ ମର୍ଯ୍ୟାଦା ପାଇଁ ଏହି ଅଧିକାର ନିତାନ୍ତ ଆବଶ୍ୟକ । ଜୀବନର ଅଧିକାର, ଦାସତ୍ୱରୁ ମୁକ୍ତି ଅଧିକାର ଓ ଯନ୍ତ୍ରଣାରୁ ମୁକ୍ତି ଅଧିକାର, ଏହି ପ୍ରକାରର ଅଧିକାରର ଉଦାହରଣ ।

### ୨୫.୨.୬ ମାନବିକ ଅଧିକାର ଉନ୍ନତି ଓ ସୁରକ୍ଷା ଏକ ଜାତୀୟ ପରିସର ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସମଗ୍ର ବିଶ୍ୱ ପାଇଁ ଉଦ୍ଦିଷ୍ଟ କିଛି ଆଦର୍ଶବାଦର ପରିଚାୟକ :

ମାନବିକ ଅଧିକାରର ଉନ୍ନତି, ସୁରକ୍ଷା ଓ ସମ୍ମାନ ବିଜୟ ରଖିବା ପାଇଁ ସମସ୍ତ ଦେଶ କ୍ଷେତ୍ର ପ୍ରସ୍ତୁତ କରିବା ଦରକାର ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୫.୧

**୧। ଠିକ୍ ଉତ୍ତର ଲେଖ ।**

(କ) ମାନବିକ ଅଧିକାର ମାନବିକ ସ୍ଥିତିରେ ଅନ୍ତର୍ନିହିତ । (ଠିକ୍ / ଭୁଲ୍)

(ଖ) ବେସାମରିକ ଓ ରାଜନୈତିକ ଅଧିକାର ପାରଂପରିକ ଅଧିକାରର ଅନ୍ତର୍ଭୁକ୍ତ । (ଠିକ୍ / ଭୁଲ୍)

(ଗ) ମାନବିକ ଅଧିକାରର ଉନ୍ନତି ଓ ସୁରକ୍ଷା ଜାତୀୟ ପରିସର ଭିତରେ ସୀମିତ । (ଠିକ୍ / ଭୁଲ୍)

**୨। ଶୂନ୍ୟସ୍ଥାନ ପୂରଣ କର ।**


(କ) ମାନବିକ ଅଧିକାର ______ ଅଟେ । (ସାର୍ବଜନୀନ / ସ୍ଥାନୀୟ)

(ଖ) ମାନବିକ ଅଧିକାର ପ୍ରାୟତଃ ______ । (ସ୍ଥିର / ଗତିଶୀଳ / ବନ୍ଦ)

(ଗ) ମାନବିକ ଅଧିକାର ମାନବିକତାର ______ ନୀତି ଉପରେ ପର୍ଯ୍ୟବସିତ ।
(ସର୍ବପୁରାତନ / ମଧ୍ୟଯୁଗୀୟ / ମୌଳିକ)

## ୨୫.୩ ମାନବିକ ଅଧିକାରର ପ୍ରଗତିର ମୁଖ୍ୟ ମାଇଲଖୁଣ୍ଟ

ୟୁରୋପରେ ପୁରାତନ ଜାତୀୟ ଘୋଷଣାନାମା ଓ ସମ୍ବିଧାନମାନଙ୍କରେ ମୌଳିକ ଅଧିକାର ବିଷୟରେ ଉଲ୍ଲେଖ ଅଛି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏହି ମୌଳିକ ଅଧକାର'ର ଚିନ୍ତାଧାରା ଏବର ନୁହେଁ । ୧୨୧୫ମସିହାରେ ମାଗ୍ନାକାର୍ଟା (Magnacarta) ନେଦରଲ୍ୟାଣ୍ଡରେ ୧୫୭୯ମସିହାର ଉଟ୍ରେଚ୍ସଂଘ





(Union of Utrecht) ଏବଂ ୧୬୮୯ମସିହାରେ ବ୍ରିଟେନ୍‌ର ଅଧିକାର ବିଲ୍ (Bill of Rights) ରେ ମୌଳିକ ଅଧିକାରର ସୂଚନା ଦିଆଯାଇଥିଲା । କିନ୍ତୁ ଏଥିରେ ଥିବା ଅଧିକାରକୁ କେବଳ ନିର୍ଦ୍ଦିଷ୍ଟ ପଦବୀରେ ଥିବା ବ୍ୟକ୍ତିମାନେ ଦାବି କରିପାରୁଥିଲେ । ଏହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ବରଂ ଏହା ଜଣେ ବ୍ୟକ୍ତି ପାଇଁ ଉଦ୍ଦିଷ୍ଟ ଥିଲା । ସମୟକ୍ରମେ ସ୍ୱାଧିନତାର ଚିନ୍ତାଧାରା ପଦବୀଠାରୁ ଅଲଗା ହୋଇଗଲା ଏବଂ ଏହା ସମସ୍ତଙ୍କର ଅଧିକାର ଭୁକ୍ତ ହେଲା ।

ଏହି ସମୟରେ ଉତ୍ତର ଆମେରିକାର ବ୍ରିଟିଶ ଉପନିବେଶମାନେ ସଂଗ୍ରାମ ଚଳାଇଥିଲେ ଏବଂ ୧୭୭୬ମସିହାରେ ସ୍ୱାଧିନତାର ଘୋଷଣାନାମା ତିଆରି କରିଥିଲେ । ଏହା ସାର୍ବଜନୀନ ସମାନତା ଏବଂ ଅଲଗାକରି ହେଉନଥିବା ଅଧିକାର ଉପରେ ପର୍ଯ୍ୟବସିତ ଥିଲା । ଘଟଣାକ୍ରମେ ଏସବୁକୁ ଆମେରିକାର ଅଧିକାର ବିଲ୍ (Bill of Rights) ଅନ୍ତର୍ଭୁକ୍ତ କରାଗଲା । ଏବଂ ଏହା ଆମେରିକା ସମ୍ବିଧାନର ଏକ ଅଂଶ ବିଶେଷ ହେଲା । ଫ୍ରାନସର ୧୭୮୯ମସିହାର ମଣିଷ ଅଧିକାର ସଂପର୍କିତ ଘୋଷଣାନାମା (The French Declaration of the Rights of man, 1789) ମାନବିକ ଅଧିକାର ଧାରଣାକୁ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇ ପାରିଥିଲା ।

ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଅଧିକାରକୁ ପାରମ୍ପରିକ ଅଧିକାର ଭାବେ ଗଣନା କରାଯାଉଥିଲା । ଆଜି, ସରକାରମାନେ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନମଙ୍ଗଳ କ୍ଷେତ୍ରରେ ନୂତନ ପ୍ରକାରର ଅଧିକାର ସୃଷ୍ଟି କରୁଛନ୍ତି । ଏହାକୁ ସାମାଜିକ ଅଧିକାର କୁହାଯାଉଛି ।

ଏହି ସାମାଜିକ ଅଧିକାର ପ୍ରଥମେ ଆନ୍ତର୍ଜାତୀୟ ନିୟମର ଅନ୍ତର୍ଭୁକ୍ତ ହେଲା ଉଦାହରଣ ସ୍ୱରୂପ - ୧୯୧୯ ମସିହାରେ ଆନ୍ତର୍ଜାତିକ ଶ୍ରମସଂସ୍ଥା (ILO) ଗଠିତ ହେଲା ଏବଂ ଏହା ଅନେକ ଶ୍ରମ ଆଇନର ସୃଷ୍ଟି କଲା ।

## ମାନବିକ ଅଧିକାର ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା :

- ମାଗ୍ନ କାର୍ଟା (Magna Carta. ୧୨୧୫
- ଆମେରିକାର ସ୍ୱାଧିନତା ଘୋଷଣା ନାମା, ୧୭୭୬ ଓ ଅଧିକାର ବିଲ୍
- ଆମେରିକ ସମ୍ବିଧାନ, ୧୭୮୭
- ମାନବିକ ଅଧିକାର ସଂପର୍କିତ ଫରାସୀ ଘୋଷଣା ନାମା, ୧୭୮୯
- ମିଳିତ ଜାତିସଂଘର ମାନବାଧବକାର କମିଶନ, ୧୯୪୬
- ମାନବିକ ଅଧିକାରର ସାର୍ବଜନୀନ ଘୋଷଣାନାମା, ୧୯୪୮
- ଜେନିଭା ସମ୍ମିଳନୀ, ୧୯୪୯
- ମାନବିକ ଅଧିକାର ସୁରକ୍ଷା ଓ ମୌଳିକ ସ୍ୱାଧୀନତା ପାଇଁ ୟୁଯୋପୀୟ ସମ୍ମିଳନୀ, ୧୯୫୦
- ୟୁରୋପୀୟ ଘୋଷଣାନାମା, ୧୯୬୧
- ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଉପରେ ଆନ୍ତର୍ଜାତିକ ଚୁକ୍ତି (ICESC) , ବେସାମରିକ ଅମାନବୀୟ ଦୁର୍ବ୍ୟବହାର ବା ଦଣ୍ଡ ଉପରେ ଚୁକ୍ତିର ପ୍ରଥମ ଇଚ୍ଛାଧୀନ ପ୍ରେଟୋକଲ୍ (UNCAT)
- ମାନବାଧିକାର ଉପରେ ବିଶ୍ୱ ସମ୍ମିଳନୀରେ ଗୃହୀତ ଭିଏନା ଘୋଷଣାନାମା ଓ କାର୍ଯ୍ୟପନ୍ଥା, ୧୯୯୩

ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ହିଁ 'ମାନବିକ ଅଧିକାର ଯୁଗ'ର ଅୟମାରମ୍ଭ କରିଥିଲା । ଆଗରୁ ଧାରଣା ଥିଲା ଯେ ଗୋଟିଏ ରାଷ୍ଟ୍ର ତାର ନାଗରିକମାନଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରିବ ତାହା ନିଜେ ନିର୍ଣ୍ଣୟ କରିବ । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ଏହି ଧାରଣାର ଅବସାନ ଘଟାଇଲା । ମିଳିତ ଜାତିସଂଘ ଘୋଷଣାନାମାର ପ୍ରାକ୍ କଥନରେ ମୌଳିକ ମାନବିକ ଅଧିକାର ଉପରେ ଆସ୍ଥା ସ୍ଥାପନ କରାଯାଇଛି । ଏହି ଘୋଷଣାନାମାର ଧାରା ୧ରେ କୁହାଯାଇଛି ଯେ ଜାତି, ଲିଙ୍ଗ, ଭାଷା ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କର ମାନବିକ ଅଧିକାର ଓ ମୌଳିକ ସ୍ୱାଧିନତାକୁ ସମ୍ମାନ ପ୍ରଦର୍ଶନ କରିବା ମିଳିତ ଜାତିସଂଘ ଉଦ୍ଦେଶ୍ୟ ହେବ । ଏଣୁ ମାନବିକ ଅଧିକାର ପ୍ରତି ଆନ୍ତର୍ଜାତିକ ସମାଜ ଚିନ୍ତା ପ୍ରକଟ କରିଛି । ମିଳିତ ଜାତିସଂଘର ସଭ୍ୟମାନେ ମାନବିକ ଅଧିକାରକୁ ବ୍ୟକ୍ତିଗତ ଓ ସାମୂହିକ ଭାବରେ ପ୍ରୋତ୍ସାହିତ କରିବାର ଦାୟିତ୍ୱ ନେଇଛନ୍ତି ।

୧୯୪୬ମସିହାରେ ମାନବୀକ ଅଧିକାର ଉପରେ ମିଳିତ ଜାତିସଂଘ କମିଶନ ପ୍ରତିଷ୍ଠା ହେଲା । ଏବଂ ଦୁଇବର୍ଷରୁ କମ ସମୟ ମଧ୍ୟରେ ଏହା ମାନବାଧିକାର ଉପରେ ସାର୍ବଜନୀନ ଘୋଷଣାନାମା ପ୍ରସ୍ତୁତ କଲା ଏବଂ ୧୯୪୮ମସିହାରେ ଏହା ଜାତିସଂଘର ସାଧାରଣ ସଭାରେ ଗୃହୀତ ହେଲା ।

୧୯୬୬ମସିହାରେ ବେସାମରିକ ଓ ରାଜନୈତିକ ଅଧିକାର ସମ୍ବଳିତ ଆନ୍ତର୍ଜାତିକ ଚୁକ୍ତି, ଏବଂ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ସମ୍ବଳିତ ଆନ୍ତର୍ଜାତିକ ଚୁକ୍ତି ଏବଂ ଏହା ସହିତ ବେସାମରିକ ଓ ରାଜନୈତିକ ଅଧିକାର ସମ୍ବଳିତ ଚୁକ୍ତିର ପ୍ରଥମ ଓ ଦ୍ୱିତୀୟ ଇଚ୍ଛାଧୀନ ପ୍ରୋଟୋକଲ୍ ଏହି ପାଞ୍ଚଟି ଦସ୍ତାବିଜ୍‌କୁ ନେଇ ମାନବିକ ଅଧିକାରର ଆନ୍ତର୍ଜାତିକ ବିଲ୍ ତିଆରି ହେଲା ।

ଏହିପରି ଆନ୍ତର୍ଜାତିକ ସମାଜଦ୍ୱାରା ସ୍ୱୀକୃତ ମାନବିକ ଅଧିକାରକୁ ସଭ୍ୟତାର ଏକ ନୂତନ ଆନ୍ତର୍ଜାତିକ ମାନ ହିସାବରେ ଗ୍ରହଣ କରାଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଏକ ଆନ୍ତର୍ଜାତିକ ମାନବିକ ଅଧିକାର କୋଡ଼ ପ୍ରଚଳିତ ହେଲା । ଆନ୍ତର୍ଜାତିକ ସମାଜର ପ୍ରତ୍ୟେକ ସଦସ୍ୟ ଏକ ପ୍ରକାର ନ୍ୟାୟର ମାନକୁ ଗ୍ରହଣ କଲେ ଯାହା ନୈତିକତା ଉପରେ ପର୍ଯ୍ୟବସିତ ଥିଲା । ଏହା ରାଜନୈତିକ ବୈଧତାର ମଧ୍ୟ ଏକ ଉପାଦାନ ହେଲା । ସଭ୍ୟ ଆଚରଣର ଏହି ମାନ ଜାତୀୟ ଓ ଆନ୍ତର୍ଜାତୀୟ ବୈଧତାର ଯୋଗସୂତ୍ର ହେଲା ।


ସାର୍ବଜନୀନ ମାନବିକ ଅଧିକାର ସଂସ୍କୃତିର ଅଭ୍ୟୁତ୍‌ଥାନ ନୈତିକ ପ୍ରଗତିକୁ ଚିତ୍ରଣ କଲା ଏବଂ ଆଧୁନିକ ରାଜନୈତିକ ଓ ଅର୍ଥନୈତିକ ଧାରା ଦ୍ୱାରା ମାନବିକ ଅଧିକାରର ପ୍ରତିବନ୍ଧକର ମୁକାବିଲା କଲା । ମାନବିକ ଅଧିକାର ଦୃଷ୍ଟି କୋଣରୁ ଉନୟନକୁ ସ୍ଥାୟୀ ଉନ୍ନୟନ ଭାବରେ ଗ୍ରହଣ କରିବାର ମନୋଭାବ ଏବେ ଆଦୃତ ହେଉଛି । 'ସମସ୍ତେ ଯେ ସମାନ' ଏହି ଭାବନାର ଏବେ ଆଦର କରାଯାଉଛି । ଏବର ସ୍ଲୋଗାନ ହେଉଛି 'ସମସ୍ତ ମାନବିକ ଅଧିକାର ସମସ୍ତଙ୍କ ପାଇଁ' ଏବଂ ଏହି ବିଶ୍ୱ ଏକ ପରିବାର' । ଆମ ଭାରତୀୟ ମାନଙ୍କ ପାଇଁ ଏହା ନୂଆ ନୁହେଁ । ଆମେ ଅନେକ ଦିନ ହେଲା 'ସର୍ବେ ଭବନ୍ତୁ ସୁଖୀନଃ' ଏବଂ 'ବସୁଧୈବ କୁଟୁମ୍ବକମ୍' ମନ୍ତ୍ରରେ ବିଶ୍ୱାସ କରୁଛେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୫.୨

**୧। ଠିକ୍ ଉତ୍ତରଟି ବାଛ ।**

(କ) ୧୯୪୯ମସିହାରେ ମାନବିକ ଅଧିକାରର ସାର୍ବଜନୀନ ଘୋଷଣାନାମା ଗୃହୀତ ହୋଇଥିଲା ।
(ଠିକ୍ / ଭୁଲ୍)

(ଖ) ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ମାନବିକ ଅଧିକାରର ଚଳିତ ଯୁଗର ଆରମ୍ଭକୁ ସୂଚିତ କଲା ।
(ଠିକ୍ / ଭୁଲ୍)



Notes

(ଗ) ମୌଳିକ ଅଧିକାର ଭଳି ମାନବିକ ଅଧିକାରକୁ ଅଦାଲତ ଦ୍ୱାରା କାର୍ଯ୍ୟକାରୀ କରିହେବ ।
(ଠିକ୍ / ଭୁଲ)

୨। **ଶୂନ୍ୟସ୍ଥାନ ପୂରଣ କର ।**

(କ) ମାନବିକ ଅଧିକାର ବର୍ତ୍ତମାନ ______ ହୋଇଗଲେଣି । (ସ୍ଥାନୀୟ, ଜାତୀୟ, ସାର୍ବଜନୀନ)

(ଖ) ______ ଠାରେ ବିଶ୍ୱର ନେତୃବୃନ୍ଦ ମାନବିକ ଅଧିକାର ଉପରେ ବିଶ୍ୱ ସମ୍ମିଳନୀ ପାଇଁ ଠୁଳ ହୋଇଥିଲେ । (ଭିଏନା, ଜେନିଭା, ନ୍ୟୁୟର୍କ)

(ଗ) ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଅଧିକାର ସବୁକୁ ______ ଅଧିକାର କୁହାଯାଏ ।
(ବ୍ୟକ୍ତିଗତ, ସାମାଜିକ ଓ ପାରଂପରିକ)

## ୨୫.୪ ଭାରତୀୟ ସଂବିଧାନରେ ମୌଳିକ ଅଧିକାର

ଭାରତୀୟ ସମ୍ବିଧାନ ମାନବିକ ଅଧିକାର ଉପରେ ଗୁରୁତ୍ୱ ଆରୋପ କରିଛି ଏବଂ କିଛି ମୌଳିକ ଅଧିକାରକୁ ତୃତୀୟ ଭାଗରେ ସ୍ଥାନ ନେଇଛି । ଏହି ମୌଳିକ ଅଧିକାରଗୁଡ଼ିକ ହେଲା ସମାନତା ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ଧର୍ମଗତ ସ୍ୱାଧିନତା ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ଏବଂ ସାମ୍ବିଧାନିକ ପ୍ରତିକାରର ଅଧିକାର । ଧାରା ୩୨ ଅନୁସାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାର ସ୍ୱକୀୟ କ୍ଷେତ୍ରାଧିକାର ବଳରେ ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷା ଯୋଗାଇ ପାରିବେ । ଏହାଦ୍ୱାରା ଜଣେ ବ୍ୟକ୍ତି ତାହାର ଅଧିକାରକୁ ସୁରକ୍ଷିତ ରଖି ପାରିବ ।

ଭାରତୀୟ ସମ୍ବିଧାନର ଚତୁର୍ଥ ଭାଗରେ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ରଖାଯାଇଛି । ଏହା ଶାସନ ପାଇଁ ମୌଳିକ ଆବଶ୍ୟକତା । ଏବଂ ରାଷ୍ଟ୍ର ତାର ନୀତି ନିର୍ଦ୍ଧାରଣ ସମୟରେ ଏହାକୁ ମାନିବା ଦରକାର । ଏହି ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ଜନମଙ୍ଗଳ ପାଇଁ ଏକ ସାମାଜିକ ଶୃଙ୍ଖଳା ସୃଷ୍ଟି କରିବା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ରାଷ୍ଟ୍ରର କର୍ତ୍ତବ୍ୟ । କାମ, ଶିକ୍ଷା ଓ ସାମାଜିକ ନିରାପତ୍ତା ଅଧିକାର ଯୋଗାଇବା, କାମ କରିବା ପାଇଁ ନ୍ୟାୟସଙ୍ଗତ ଓ ସୁସ୍ଥ ଅବସ୍ଥା ସୃଷ୍ଟି କରିବା, ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା, ପୃଷ୍ଟିର ମାନ ଓ ଜୀବନ ଧାରଣର ମାନ ବଢ଼ାଇବା, ଜନସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟିଦେବା, ପରିବେଶ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଉନ୍ନୟନ କରିବା ରାଷ୍ଟ୍ରର କର୍ତ୍ତବ୍ୟ ।

ଏତଦ୍‌ଭିନ୍ନ ମୌଳିକ ଅଧିକାର ସୁରକ୍ଷାକୁ ମଜବୁତ କରିବା ପାଇଁ ଧାରା ୫୧ (କ) (ଭାଗ IV A) ରେ ନାଗରିକ ମାନଙ୍କ ପାଇଁ ମୌଳିକ କର୍ତ୍ତବ୍ୟ ବିଷୟରେ କୁହାଯାଇଛି । ମୌଳିକ ଅଧିକାରକୁ ସୁରକ୍ଷିତ କରିବାର କ୍ଷମତା ସର୍ବୋଚ୍ଚ ନ୍ୟାୟାଳୟକୁ ଧାରା ୩୨ରେ ଦିଆଯାଇଥିବା ବେଳେ ଧାରା ୨୨୬ ଉଚ୍ଚନ୍ୟାୟାଳୟମାନଙ୍କୁ ଏହି କ୍ଷମତା ପ୍ରଦାନ କରିଛି । ସାମ୍ବିଧାନିକ ଆଦେଶ ଅନୁସାରେ ଉଚ୍ଚତର ନ୍ୟାୟପାଳିକା ମାନବିକ ଅଧିକାରକୁ ସୁରକ୍ଷିତ ଓ କାର୍ଯ୍ୟକାରୀ କରିବ । 'ଆଇନର ଶାସନ', 'ନ୍ୟାୟିକ ପୁନରାବଲୋକନ' ଭଳି ଆମ ସମ୍ବିଧାନର ଏକ ମୌଳିକ ଲକ୍ଷଣ ।

ମାନବିକ ଅଧିକାରର ପ୍ରସାର କରିବାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା ଉଲ୍ଲେଖନୀୟ ଏବଂ ଏହା ସମ୍ବିଧାନର ଧାରା ୨୧କୁ ସବୁଠାରୁ ଫଳପ୍ରସୂ ଧାରା ଭାବରେ ଗ୍ରହଣ କରିଛି । ଅନେକ କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛି ଯେ ମାନବିକ ସମ୍ମାନ ଅଧିକାର, ସୁସ୍ଥ ପରିବେଶର ଅଧିକାର, ସାମାଜିକ ନିରାପତ୍ତା ଅଧିକାର, ବାଲ୍ୟାବସ୍ଥା ସୁରକ୍ଷା ଅଧିକାର ଇତ୍ୟାଦିକୁ କ୍ଷୁର୍ଣ୍ଣ କଲେ କ୍ଷତିପୂରଣ ଦେବାକୁ ପଡ଼ିବ ।

ଭାରତୀୟ ସମ୍ବିଧାନର ଭାଗ ୩ ଓ ୪ରେ ୧୯୪୮ ମସିହାରେ ମାନବିକ ଅଧିକାର ସମ୍ପର୍କିତ ସାର୍ବଜନୀନ ଘୋଷଣାର ପ୍ରଭାବ ଉପଲବ୍ଧ । ଭାରତ ଏହି ମାନବିକ ଅଧିକାରର ସାର୍ବଜନୀନ ଘୋଷଣାକୁ ଏବଂ ଉଭୟ ଚୁକ୍ତିନାମାକୁ କିଛିଟା ବ୍ୟତିକ୍ରମ ସହ ସ୍ୱୀକୃତି ଦେଇଛି ।

## ୨୫.୫ ଜାତୀୟ ମାନବିକ ଅଧିକାର କମିଶନ


ଜାତୀୟ ମାନବାଧିକାର କମିଶନ ଓ ରାଜ୍ୟ ମାନବାଧିକାର କମିଶନ ଗଠନ ଉଦ୍ଦେଶ୍ୟରେ ଭାରତରେ ୧୯୯୩ ମସିହାରେ ମାନବିକ ଅଧିକାର ସୁରକ୍ଷା ଆଇନ ପ୍ରଣୟନ କରାଗଲା । ମାନବିକ ଅଧିକାରର ସୁରକ୍ଷା ଏବଂ ତତ୍‌ସଂଲଗ୍ନ ଅନ୍ୟାନ୍ୟ ବିଷୟ ବୁଝିବା ଏମାନଙ୍କର କାମ । ଏହି ଆଇନର ବିଭାଗ ୨(୧) (ଘ)ରେ 'ମାନବିକ ଅଧିକାର'ର ସଂଜ୍ଞା ନିରୂପଣ କରାଯାଇଛି । ସମ୍ବିଧାନ ଦ୍ୱାରା କିମ୍ବା ଆନ୍ତର୍ଜାତିକ ଚୁକ୍ତିମାନଙ୍କ ଦ୍ୱାରା ପ୍ରଦତ୍ତ ଏବଂ ଭାରତର ଅଦାଲତମାନଙ୍କ ଦ୍ୱାରା ସୁରକ୍ଷିତ ବଞ୍ଚିବାର ସ୍ୱାଧିନତା ସମାନତା ଓ ବ୍ୟକ୍ତି ସମ୍ମାନ ସଂପର୍କିତ ଅଧିକାରଗୁଡ଼ିକୁ 'ମାନବିକ ଅଧିକାର' ବୋଲି କୁହାଯାଇଛି । ଏହାର କାର୍ଯ୍ୟ ପରିସର ବ୍ୟାପକ । ଏହା ମାନବାଧିକାରର ଉଲଂଘନ ଓ ଏହି ଉଲଂଘନ ରୋକିବାରେ ଅବହେଳା ପ୍ରଦର୍ଶନ ହେଲେ ତାହାର ଅନୁସନ୍ଧାନ କରିଥାଏ । ତାଛଡ଼ା ଏହା ମାନବାଧିକାର ସଂସ୍କୃତିକୁ ପ୍ରୋତ୍ସାହିତ କରିଥାଏ । ଏବଂ ଏଥିପାଇଁ ଆନୁସଙ୍ଗିକ ପଦକ୍ଷେପ ନେଇଥାଏ ।

୧୯୯୩ ମସିହାରେ ଜାତୀୟ ମାନବାଧିକାର କମିଶନ ଗଠିତ ହେବା ପରଠାରୁ ଏହା ସର୍ବୋଚ୍ଚ ନ୍ୟାୟାଳୟର ଏକ ପରିପୂରକ ଭୂମିକା ଗ୍ରହଣ କରିଆସୁଛି । ଯେଉଁ ବିଷୟଗୁଡ଼ିକ କମିଶନର ତଦନ୍ତର ଅନ୍ତର୍ଭୁକ୍ତ ତାହାକୁ ସୁଚାରୁ ରୂପେ ସଂପାଦନ କରୁଛି, ଏବଂ କୌଣସି ଅନୁଷ୍ଠାନରକାର୍ଯ୍ୟକାରିତାକୁ ମଧ୍ୟ ତଦାରଖ କରୁଛି । ଏହି ଅନୁଷ୍ଠାନ ମାନଙ୍କ ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତା ମାନବାଧିକାରକୁ ସୁରକ୍ଷା ଦେବାରେ ସହାୟକ ହୋଇଛି । ଏହା ପ୍ରାଥମିକଭାବେ ଏକ ରାଷ୍ଟ୍ରର ଦାୟିତ୍ୱ ।

ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ବିଶେଷ କରି ମୌଳିକ ଅଧିକାର ଧାରା ୧୪ରେ ଉଲ୍ଲିଖିତ ସମାନତା ଅଧିକାର ଓ ଧାରା ୨୧ରେ ଥିବା ଜୀବନର ଅଧିକାରର ବିଶ୍ଳେଷଣ, ଭାରତରେ ମାନବିକ ଅଧିକାରର ସଂଜ୍ଞା ଓ ପରିସରକୁ ବ୍ୟାପକ କରି ଦେଇଛି । ଜାତୀୟ ମାନବାଧିକାର କମିଶନ ଆଇନର ୧୨ ବିଭାଗରେ ଥିବା କାର୍ଯ୍ୟାବଳୀ ଗୁଡ଼ିକର ତର୍ଜମା କରିଛି ଏବଂ ଏହା ଶାସନ ସହିତ ଜଡ଼ିତ ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟକାରିତାର ଅନୁଧ୍ୟାନ କରିଛି । ଏହାଦ୍ୱାରା ମାନବାଧିକାର ଉତ୍ତମ ସୁରକ୍ଷା ହେବା ସହିତ ମାନବାଧିକାର ଉଲଂଘନକୁ ପ୍ରତିରୋଧ କରାଯାଇ ପାରିଛି । ଶାସନର ଗୁଣାତ୍ମକ ମାନ ବୃଦ୍ଧିରେ କମିଶନ ଏକ ତ୍ୱରକର ଭୂମିକା ଗ୍ରହଣ କରିଛି । ଏହା ଶକ୍ତ ଆସ୍ଥା ପୋଷଣ କରିଛି ଯେ ସାମ୍ବିଧାନିକ ଉତ୍ତମ ଶାସନ ଓ ଆଇନର ଶାସନ ମାନବାଧିକାରକୁ ସୁରକ୍ଷିତ ରଖିବାରେ ସଫଳ ହେବେ । ଏହା ମଧ୍ୟରେ ଯୋଗସୂତ୍ର ପ୍ରତ୍ୟକ୍ଷ ଓ ସ୍ୱଚ୍ଛ ।

ଅଳ୍ପଦିନ ତଳେ ଗୁଜରାଟ ସାମ୍ପ୍ରଦାୟିକ ବିଶୃଙ୍ଖଳା ମାମଲାର ବିଚାର ବେଳେ ଜାତୀୟ କମିଶନ, ମାନବାଧିକାର ସୁରକ୍ଷା କ୍ଷେତ୍ରରେ ରାଜ୍ୟ ମାନଙ୍କର ଦାୟିତ୍ୱ ବିଷୟରେ କହିଛନ୍ତି । କମିଶନଙ୍କ ମତରେ –

'ରାଷ୍ଟ୍ର ମଧ୍ୟରେ ଥିବା ସମସ୍ତଙ୍କର ଜୀବନ, ସ୍ୱାଧିନତା, ସମାନତା ଓ ସମ୍ମାନର ଅଧିକାରକୁ ସୁରକ୍ଷିତ କରିବା ଏହାର ପ୍ରାଥମିକ ଏବଂ ଅପରିହାର୍ଯ୍ୟ ଦାୟିତ୍ୱ । କୌଣସି ଖୋଲାଖୋଲି କାର୍ଯ୍ୟକଳାପ କିମ୍ବା ଅପରାଧକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟକଳାପ କିମ୍ବା ଅବହେଳା ହେତୁ ଯେପରି ଏହି ଅଧିକାରର ଉଲଂଘନ ନ ହୁଏ ତାହା ଦେଖିବା ମଧ୍ୟ ରାଷ୍ଟ୍ରର ଦାୟିତ୍ୱ । ମନବାଧିକାର ଆଇନ ଶାସ୍ତ୍ର ସ୍ପଷ୍ଟ ଭାବରେ କହିଛି ଯେ ରାଷ୍ଟ୍ର କେବଳ ଏହାର ନିଜର ଅନୁଷ୍ଠାନର କାର୍ଯ୍ୟାବଳୀ ପାଇଁ ଦାୟୀ ନୁହେଁ, ଏହା ଏହାର ପରିସର ମଧ୍ୟରେ କାର୍ଯ୍ୟରତ ଅଣ ରାଷ୍ଟ୍ର ଅନୁଷ୍ଠାନମାନଙ୍କର କାର୍ଯ୍ୟାବଳୀ ପାଇଁ ମଧ୍ୟ ଦାୟୀ । ଏହା ସହିତ କୌଣସି ଅବହେଳା ହେତୁ ମାନବାଧିକାର ଉଲଂଘନ ହେଲେ, ସେଥିପାଇଁ ରାଷ୍ଟ୍ର ଦାୟୀ ରହିବ ।"





ସରକାରୀ ସଂସ୍ଥା ଏବଂ ସନ୍ତ୍ରାସବାଦୀ ସଂଗଠନ ମାନଙ୍କ ଦ୍ୱାରା ହୋଇଥିବା ମାନବାଧିକାରର ଚରମ ଉଲଂଘନର ଅନେକ ମାମଲାର ଜାତୀୟ ମାନବାଧିକାର କମିଶନ ଅନୁସନ୍ଧାନ କରିଛି । ଏସବୁ ମାମଲାର ବିଚାର କଲାବେଳେ କମିଶନ କେନ୍ଦ୍ର ବା ରାଜ୍ୟ ସରକାର ବା ଯେ କୌଣସି ସଂଗଠନରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ତଥ୍ୟ ଓ ରିପୋର୍ଟ ମଗାଇ ପାରିବେ । ଅନୁସନ୍ଧାନ ପରେ ମାନବାଧିକାର ଉଲଂଘନ ହୋଇଛି ବୋଲି ହୃଦବୋଧ ହେଲେ କମିଶନ ନିମ୍ନଲିଖିତ ପଦକ୍ଷେପ ନେଇ ପାରିବେ ।


୧। ଅନୁସଂଧାନରୁ ଜଣେ ସରକାରୀ କର୍ମଚାରୀ ମାନବାଧିକାରୀ ଉଲଂଘନ କରିଛି କିମ୍ବା ଏହି ଉଲଂଘନକୁ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାରେ ଅବହେଳା ପ୍ରଦର୍ଶନ କରିଛି ବୋଲି ଜଣାପଡ଼ିଲେ ତା ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ତାର ସରକାରଙ୍କୁ ବା କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦେଇ ପାରନ୍ତି ।

୨। ସର୍ବୋଚ୍ଚ ନ୍ୟାୟାଳୟ ବା ଉଚ୍ଚ ନ୍ୟାୟାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାପାଇଁ ନିବେଦନ କରିପାରନ୍ତି ।

୩। ସରକାର ବା କର୍ତ୍ତୃପକ୍ଷକୁ ପୀଡ଼ିତ ବା ତାର ପରିବାର ଲୋକଙ୍କୁ ଯଥାଶୀଘ୍ର ମଧ୍ୟବର୍ତ୍ତୀକାଳୀନ ସାହାଯ୍ୟ ପ୍ରଦାନ ପାଇଁ ସୁପାରିଶ କରିପାରନ୍ତି ।

ଯଦି ଜାଣେ ସାମରିକ ବାହିନୀର ବ୍ୟକ୍ତିଙ୍କ ବିରୁଦ୍ଧରେ ମାନବାଧିକାର ଉଲଂଘନର ଅଭିଯୋଗ ଆସେ ତେବେ କମିଶନ ଭିନ୍ନ ପ୍ରକାର ପନ୍ଥା ଅବଲମ୍ବନ କରିଥାନ୍ତି । ଏହା କେନ୍ଦ୍ର ସରକାରଙ୍କଠାରୁ ଏକ ରିପୋର୍ଟ ତଲବ କରିଥାଏ ଓ ତାପରେ ନିଜର ମତାମତ ଦେଇଥାଏ । ଦେଶର ପ୍ରମୁଖ ସମ୍ବାଦପତ୍ରମାନଙ୍କର ୨୦୦୦ମସିହା ମାର୍ଚ୍ଚ ୨୨ତାରିଖ ଦିନ ଅନନ୍ତନାଗ ଜିଲ୍ଲାର ଏକ ଗ୍ରାମରେ ଶିଖ ସଂପ୍ରଦାୟର ୩୫ଜଣ ସଦସ୍ୟଙ୍କ ହତ୍ୟା ସଂପର୍କୀୟ ପ୍ରକାଶିତ ରିପୋର୍ଟ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ମୃତକମାନେ ପୁରୁଷ ଥିଲେ ଏବଂ ସେମାନଙ୍କର ବୟସ ୧୬ବର୍ଷରୁ ୫୫ବର୍ଷ ମଧ୍ୟରେ ଥିଲା । ଏହି ମୃତକ ମାନଙ୍କ ମୃତ ଶରୀର ଦେଖି ଜଣେ ମହିଳାଙ୍କର ମାନସିକ ଧକ୍କା ଯୋଗୁ ମୃତ୍ୟୁ ହୋଇଥିଲା । ଅତିକମ୍‌ରେ ଦୁଇଟି ପରିବାର ଏହାର ସମସ୍ତ ପୁରୁଷ ସଦସ୍ୟଙ୍କୁ ହରାଇଥିଲା । ଏହି ଘଟଣା ଆମେରିକାର ତତ୍କାଳିନ ରାଷ୍ଟ୍ରପତିଙ୍କ ସରକାରୀ ଭାରତଗସ୍ତର ଅବ୍ୟବହିତ ପୂର୍ବରୁ ହୋଇଥିଲା । ସେ ସେମୟରେ କମିଶନ ଜାମ୍ମୁ ଓ କାଶ୍ମୀର ମୁଖ୍ୟ ଶାସନ ସଚିବ ଓ ପୋଲିସ ଡ଼ି. ଜି ଏବଂ କେନ୍ଦ୍ର ସରକାରଙ୍କ ଗୃହ ସଚିବଙ୍କ ଠାରୁ ବିସ୍ତୃତ ରିପୋର୍ଟ ତଲବ କରିଥିଲା ।

ବିହାରର ଡାଲଟନ୍‌ଗଂଜର ମୁରୁମଦାଗ ଗ୍ରାମର ଛଅଜଣ ନକ୍‌ସଲପନ୍ଥୀ ୧୯୯୨ମସିହା ଏପ୍ରିଲ ୧୫ ତାରିଖରେ ପୋଲିସ ଦ୍ୱାରା ନିହତ ହୋଇଥିଲେ । ପୂର୍ବରୁ ଏହି ଘଟଣା ସଂପର୍କରେ ଅନୁସନ୍ଧାନ କରିଥିବା ପାଲାମାଭର ବେସାମରିକ ସ୍ୱାଧିନତା ପାଇଁ ଲୋକସଂଘ (PUCL) କହିଥିଲା ଯେ କିଛି ଅସ୍ତ୍ରଶସ୍ତ୍ରଧାରୀ ଲୋକ ଏକ କନ୍ଦଳର ସମାଧାନ ପାଇଁ ଗ୍ରାମକୁ ଆସିଥିଲେ । ଏହି ବିଷୟ ଜାଣିଲାପରେ ପୋଲିସ ଆସି ସେହି ଲୋକମାନଙ୍କୁ ଘେରି ଯାଇଥିଲେ ଏବଂ ସେମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ତା ପରେ ପୋଲିସ ଗୁଳି ଚାଳନାରେ ଛଅଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା । ପୋଲିସ ଅଭିଯୋଗ କରିଥିଲା ଯେ ଏହି ନକ୍‌ସଲପନ୍ଥୀମାନେ ବୋମା ଓ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ପୋଲିସ ବାହିନୀ ଉପରେ ଆକ୍ରମଣ କରିଥିଲେ ଏବଂ ନିଜକୁ ରକ୍ଷା କରିବାକୁ ଯାଇ ପୋଲିସ ସେମାନଙ୍କ ଉପରକୁ ପାଲଟାଗୁଳି ଚଳାଇଥିଲା । ଏହାଦ୍ୱାରା ଛଅଜଣଙ୍କର ମୃତ୍ୟୁ ହୋଇଥିଲା । କିନ୍ତୁ ପୋଲିସ ଏହି ଅଭିଯୋଗକୁ PUCL) ମିଥ୍ୟା ବୋଲି କହିଥିଲା । ସଶସ୍ତ୍ର ଲୋକମାନେ ସାଧାରଣ ପୋଷାକରେ ଆସିଥିଲେ କିନ୍ତୁ ସେମାନଙ୍କର ଶରୀରର ପୋଷ୍ଟମର୍ଟମ ପରେ ସେମାନଙ୍କୁ ଖାକି ପୋଷାକ ପିନ୍ଧାଇ ଦିଆଯାଇଥିଲା । ଯେଉଁଥିରେ କି କୌଣସି କଣା ବା ବୁଲେଟ୍ ଚିହ୍ନ ନଥିଲା । ମୃତ ଶରୀର ଗୁଡ଼ିକ ପୋଲିସ ଫିଙ୍ଗି ଦେଇଥିଲା । କିନ୍ତୁ ଲୋକମାନଙ୍କ ଦ୍ୱାରା ଏହାର ଘୋର ପ୍ରତିବାଦ ହେଲା ପରେ





ପୋଲିସ ଭ୍ୟାନ୍‌ରେ ଏହି ଛଅଟି ଶବକୁ ଅଣାଯାଇଥିଲା । ଏବଂ ପୋଲିସ ଦ୍ୱାରା ଏହାର ସତ୍କାର କରାଯାଇଥିଲା । ଯେଉଁ ପୋଲିସ ମାନଙ୍କ ଦ୍ୱାରା ଗୁଳି ଚାଳନା ହୋଇଥିଲେ ସେମାନେ ସେହି ପୋଲିସ ଥାନାର ହୋଇଥିବାରୁ କମିଶନ ଏହି ମାମଲାର ଅନୁସଂଧାନ CID ଭଳି ଏକ ସ୍ୱାଧୀନ ନିରପେକ୍ଷ ସଂସ୍ଥା ଦ୍ୱାରା କରାଇବା ପାଇଁ ଏବଂ ଚାରିମାସରେ ଏହି ଅନୁସନ୍ଧାନ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କ୍ଷୀପ୍ର ଗତିରେ ଶୁଣାଣି କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ କମିଶନ ନିର୍ଦ୍ଦେଶ ଦେଇଥିଲେ ଏବଂ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ ସରକାର କ୍ଷତିପୂରଣ ଦେବେ ବୋଲି କମିଶନ ଆଶା ପୋଷଣ କରିଥିଲେ ।

ଇଣ୍ଡିଆନ ଏକ୍ସପ୍ରେସ ସମ୍ବାଦପତ୍ରରେ ୧୯୯୯ ମସିହା ଜାନୁୟାରୀ ୨୭ତାରିଖରେ "ବିହାର ; ପୁରୁଣା ଲେଖା, ନୂଆ ଶିକାର ଏବଂ ଉଚ୍ଚଜାତିର ରଣବୀର ସେନା ଯେହାନାବାଦ୍‌ରେ ୨୧ ଦଳିତଙ୍କୁ ହତ୍ୟା କଲେ"ଶୀର୍ଷକ ସମ୍ବାଦ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ରିପୋର୍ଟ ଅନୁସାରେ ୧୯୯୯ମସିହା ଜାନୁୟାରୀ ୨୫ତାରିଖରେ ବିହାର ଉଚ୍ଚଜାତିର ଜମିଦାରମାନଙ୍କର ନିଜସ୍ୱ ରଣବୀର ସେନା ବିଭିନ୍ନ ପ୍ରକାର ମାରଣାସ୍ତ୍ରରେ ସଜ୍ଜିତ ହୋଇ ବିହାର ଯେହାନାବାଦ୍ ଜିଲ୍ଲାର ମେହେନ୍ଦିଆ ପୋଲିସ ଥାନା ଅନ୍ତର୍ଗତ ରୁଖସାଗର ଗ୍ରାମର ଛଅଜଣ ଶିଶୁ ଓ ପାଞ୍ଚଜଣ ମହିଳାଙ୍କ ସମେତ ୨୧ଜଣଙ୍କୁ ହତ୍ୟା କରିଥିଲେ । ମୃତକମାନେ ସମସ୍ତେ ଦଳିତ ସଂପ୍ରଦାୟର ବ୍ୟକ୍ତି ଥିଲେ । କମିଶନ ୧୯୯୯ମସିହା ଜାନୁୟାରୀ ୨୭ତାରିଖରେ ଏହି ଘଟଣାରେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ ଏବଂ ଯେହାନାବାଦ୍‌ର ୨୧ଜଣ ଦଳିତଙ୍କ ହତ୍ୟା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଦୋଷୀମାନଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା କରିବା ପାଇଁ ଓ ଏ ପ୍ରକାରର ଅମାନୁଷିକ କାଣ୍ଡ ପୁନର୍ବାର ନ ଘଟିବା ପାଇଁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୃତକ ଓ କ୍ଷତାକ୍ତମାନଙ୍କର ପରିବାରକୁ କ୍ଷତିପୂରଣ ନେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏକ ନିୟମିତ ଅଦାଲତ ଭଳି ଜାତୀୟ ମାନବାଧିକାର କମିଶନ ନିଷ୍ପତ୍ତି ନିଏ ନାହିଁ କିମ୍ବା ଅଦାଲତର ରାୟ ଭଳି ଏହାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଏ ନାହିଁ । କିନ୍ତୁ ରାଜନୈତିକ ଓ ସାମାଜିକ ଦୃଷ୍ଟି କୋଣରୁ କମିଶନ କମିଶନଙ୍କ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଲୋକମାନଙ୍କ ଦ୍ୱାରା ଆଦୃତ ହୁଏ । ଟାଡ଼ା (TADA) ବିରୁଦ୍ଧରେ ଅଭିଯାନରେ କମିଶନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଏକ ଅସ୍ଥାୟୀ ବିଧିଥିଲା ଯାହାର ମିଆଦ ୧୯୯୫ମସିହା ମେ ୨୩ ତାରିଖରେ ସରିଥିଲା । ଟାଡ଼ାର ମିଆଦ ସରିଗଲାପରେ ଏହା ବଦଳରେ ଅନ୍ୟ ଏକ ବିଧିବ୍ୟବସ୍ଥା ସରକାର କରିବାକୁ ଚାହିଁଥିଲେ । ହେଲେ ତାହା ସଂସଦୀୟ ଅନୁମୋଦନ ପାଇ ନଥିଲା ।

## ୨୫.୬ ବେସରକାରୀ ସଂସ୍ଥାମାନଙ୍କର ଭୂମିକା

ମାନବାଧିକାର ଧାରଣାର ପ୍ରଭାବ ରାଷ୍ଟ୍ରର ସାର୍ବଭୌମତ୍ୱରେ ଯଥେଷ୍ଟ ପରିବର୍ତ୍ତନ ଆଣିଥିଲା । ଏବେ କୌଣସି ରାଷ୍ଟ୍ର ଦାବୀ କରିପାରିବ ନାହିଁ ଯେ ଏହାର ନାଗରିକମାନଙ୍କ ସହିତ ଆଚରଣ ଏକ ସଂପୂର୍ଣ୍ଣ ଘରୋଇ ବ୍ୟାପାର । ମାନବାଧିକାରର ଜଗତୀକରଣ ଯୋଗୁ ଏବଂ 'ବିଶ୍ୱ - ଗ୍ରାମ' ଧାରଣାର ପ୍ରସାର ଯୋଗୁ ଯେ କୌଣସି ସ୍ଥାନର ମାନବାଧିକାରର ସଂପର୍କୀୟ ଘଟଣା ଏକ ଆନ୍ତର୍ଜାତିକ ବ୍ୟାପାରରେ ପରିଣତ ହୋଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯେଉଁମାନଙ୍କୁ ବେସରକାରୀ ଅନୁଷ୍ଠାନ ବୋଲି ମଧ୍ୟ କୁହାଯାଏ । ସେମାନେ ସମଗ୍ର ବିଶ୍ୱରେ ମାବବାଧିକାରକୁ ପ୍ରୋତ୍ସାହିତ କରୁଛନ୍ତି ।

ଆମ୍‌ନେଷ୍ଟି ଇଣ୍ଟରନ୍ୟାସ୍‌ନାଲ (Amnesty International) ମାନବାଧିକାର ପ୍ରହରୀ (Human Rights Watch) ପିୟୁସିଏଲ (PUCL) ଭଳି ଆନ୍ତର୍ଜାତିକ ବେସରକାରୀ ସଂଗଠନ ଗୁଡ଼ିକ ମାନବାଧିକାର ଉଲଂଘନକୁ ରୋକିବା ପାଇଁ କାମ କରୁଛନ୍ତି । ତତ୍କାଳୀନ ଯୁଗୋସ୍ଲାଭିଆ (କୋସୋଭେ, ବୋଜ୍‌ନିଆ) ରୁଆଣ୍ଡା, ପୂର୍ବଟିମୋର, ସିଏରା ଲିଓନ୍, ସୁଦାନ, ଏବଂ ଭାରତର ଗୁଜୁରାଟ ଏବଂ ଅନ୍ୟାନ୍ୟ ଅଂଚଳରେ ଘଟୁଥିବା ମାନବାଧିକାର ଉଲଂଘନ ଘଟଣାରେ ଏହି ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକ ହସ୍ତକ୍ଷେପ କରି





ମାନବାଧିକାର ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରୁଛନ୍ତି । ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର କାର୍ଯ୍ୟାବଳୀରେ ଆନ୍ତର୍ଜାତିକ ସ୍ତରରେ ମିଳିତଜାତିସଂଘର ସାଧାରଣ ସଭା ଦ୍ୱାରା ୧୯୪୬ ମସିହାରେ ପ୍ରତିଷ୍ଠା ହୋଇଥିବା ମାନବାଧିକାର କମିଶନ ଦ୍ୱାରା ସମନ୍ୱୟ ପ୍ରତିଷ୍ଠା କରାଯାଉଛି ।

ଏହି ସ୍ୱେଚ୍ଛାସେବର ଅନୁଷ୍ଠାନମାନଙ୍କର ଉଦ୍ୟମ ଯୋଗୁ ପ୍ରତ୍ୟେକ ରାଷ୍ଟ୍ର ମାନବାଧିକାର କାର୍ଯ୍ୟକାରୀ କରିବା ଦିଗରେ ସେମାନଙ୍କର ପଦକ୍ଷେପ ସଂପର୍କରେ ମାନବାଧିକାର କମିଟି, ଶିଶୁ କମିଟି,ମହିଳା କମିଟି, ବର୍ଣ୍ଣବୈଷମ୍ୟ ଦୂରୀକରଣ କମିଟି ଭଳି ଆଇନ ସମ୍ମତ ସଂସ୍ଥା ମାନଙ୍କୁ ନିଜର ରିପୋର୍ଟ ପ୍ରଦାନ କରିବା ଜରୁରୀ ହୋଇ ପଡ଼ିଛି ।

ଅର୍ଦ୍ଧଶତାବ୍ଦୀ ପୂର୍ବେ ଏହା ଚିନ୍ତା କରାଯାଇ ପାରୁ ନଥିଲା ଯେ ଗୋଟିଏ ସାର୍ବଭୌମରାଷ୍ଟ୍ର ଏକ ଆନ୍ତର୍ଜାତିକ ସଂସ୍ଥାକୁ ତାଙ୍କର ନାଗରିକ ମାନଙ୍କ ଆଚରଣ ସଂପର୍କରେ ନିର୍ଦ୍ଦିଷ୍ଟ ବ୍ୟବଧାନରେ ରିପୋର୍ଟ ପ୍ରଦାନ କରିବ । କାରଣ ତାହାକୁ ସେ ସମୟରେ ରାଷ୍ଟ୍ରର ଏକ ସଂପୂର୍ଣ୍ଣ ଆଭ୍ୟନ୍ତରିଣ ବ୍ୟାପାର ଭାବରେ ଗ୍ରହଣ କରାଯାଉଥିଲା । କିନ୍ତୁ ଆଜି ମାନବାଧିକାର ଧାରଣା ଯୋଗୁ ଏହା ସମ୍ଭବ ହୋଇଛି । ରାଷ୍ଟ୍ରମାନେ ସେମାନଙ୍କର ରିପୋର୍ଟ ପ୍ରଦାନ କରିବା ସହିତ, ପ୍ରତ୍ୟେକ ରାଷ୍ଟ୍ରର ସଦସ୍ୟମାନଙ୍କ ଦ୍ୱାରା ଗଠିତ ଆନ୍ତର୍ଜାତିକ ସଂଗଠନରେ ସେହି ରିପୋର୍ଟ ଉପରେ ଆଲୋଚନାରେ ଅଂଶ ଗ୍ରହଣ କରୁଛନ୍ତି । ମାନବାଧିକାରକୁ ସାବ୍ୟସ୍ତ ଓ ସୁରକ୍ଷିତ କରିବା ଦିଗରେ ବେସରକାରୀ ସଂସ୍ଥାମାନଙ୍କର ଭୂମିକା ଆଉ ବିତର୍କର ବିଷୟ ନୁହେଁ । ଏହାର ପ୍ରଭାବ ସ୍ପଷ୍ଟ ଏବଂ ଦୃଶ୍ୟମାନ । ସରକାରୀ ବା ଅଣ ସରକାରୀ ମାନବାଧିକାର ସଂସ୍ଥାମାନଙ୍କ ସହଯୋଗରେ ମାନବାଧିକାର ଆନ୍ଦୋଳନ ଭାରତବର୍ଷରେ ମଜବୁତଭାବରେ ଗଢ଼ିଉଠିଛି । ହେଲେ ଦାରିଦ୍ର୍ୟ ମାନବାଧିକାର ଉଲଂଘନ ରୋକିବା ଦିଗରେ ବଡ଼ ପ୍ରତିବନ୍ଧକ ।

## ତୁମେ କଣ ଶିଖିଲ

- ଏକ ସମ୍ମାନଜନକ ମାନବିକ ସ୍ଥିତିର ପ୍ରତ୍ୟେକ ବିଭାବକୁ ଦୃଷ୍ଟିରେ ରଖି ମାନବାଧିକାର ର ସଂଜ୍ଞା ନିରୂପଣ କରାଯାଇଛି । ଏବଂ ଏହା ପ୍ରତ୍ୟେକ ମଣିଷକୁ ମଣିଷ ସମାଜର ସମାନ ସଦସ୍ୟଭାବେ ଗ୍ରହଣ କରିଛି ।
- ମାନବ ସମ୍ମାନ ମାନବାଧିକାରର ସାରବତ୍ତା । ଏହି ବିଭାବର ବୃହତ୍ତର ଅନୁଭବ ଓ ବ୍ୟକ୍ତିସମ୍ମାନର ମୂଲ୍ୟାୟନ ହିଁ ମାନବାଧିକାରର ପ୍ରକୃତ ପରିସର ସଂଜ୍ଞା ନିରୂପଣ କରେ ।
- 'ବ୍ୟକ୍ତିର ସମ୍ମାନ' ଓ 'ରାଷ୍ଟ୍ର ଐକ୍ୟ ଏବଂ ସଂହତି' ଆମ ସମ୍ବିଧାନର ପ୍ରାକ୍‌କଥନରେ ଏବଂ ମୌଳିକ ଅଧିକାର ଅଧ୍ୟାୟରେ ସୂଚୀତ ସାମ୍ବିଧାନିକ ଦର୍ଶନର ମୂଳମନ୍ତ୍ର । ଏହା ମାନବାଧିକାରର ସାମାଜିକ ଓ ବ୍ୟକ୍ତିଗତ ବିଭାବକୁ ଦର୍ଶାଇଥାଏ ।
- ଜାତୀୟ ମାନବାଧିକାର କମିଶନ ବ୍ୟକ୍ତିର ମୌଳିକ ଅଧିକାରକୁ ସୁରକ୍ଷିତ ରଖେ । ଏହା ଭାରତରେ ମାନବିକ ଅଧିକାର ଉଲଂଘନ ମାମଲାର ପରୀକ୍ଷା ଓ ଅନୁସନ୍ଧାନ କରିଥାଏ ।

## ପାଠ୍ୟାନ୍ତର ଅଭ୍ୟାସ

୧। ଆମେ ମାନବିକ ଅଧିକାର ବର୍ଗୀକରଣ କିପରି କରିବା ?

୨। ମାନବାଧିକାରର ଛଅଟି ମୌଳିକ ଲକ୍ଷଣ କ'ଣ ?







୩। ଭାରତୀୟ ସମ୍ବିଧାନରେ ମାନବାଧିକାର ଗୁରୁତ୍ୱ ଆଲୋଚନା କର ।

୪। ସଂକ୍ଷେପରେ ଲେଖ :-

(କ) ମାନବାଧିକାରର ସାର୍ବଜନୀନ କରଣ ।

(ଖ) ଭାରତରରେ ଜାତୀୟ ମାନବାଧିକାର କମିଶନର ଭୂମିକା ।

(ଗ) ମାନବାଧିକାର ପ୍ରୋତ୍ସାହନ ଓ ସୁରକ୍ଷା କ୍ଷେତ୍ରରେ ବେସରକାରୀ ସଂଗଠନ ମାନଙ୍କର ଭୂମିକା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨୫.୧**

୧। (କ) ଠିକ୍

(ଖ) ଠିକ୍

(ଗ) ଭୁଲ୍

୨। (କ) ସାର୍ବଜନୀନ

(ଖ) ଗତିଶୀଳ

(ଗ) ମୌଳିକ

**୨୫.୨**

୧। (କ) ଭୁଲ୍

(ଖ) ଠିକ୍

(ଗ) ଭୁଲ୍

୨। (କ) ସାର୍ବଜନୀନ

(ଖ) ଭିଏନା

(ଗ) ପାରଂପରିକ

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା :

୧। ଭାଗ ୨୫.୧କୁ ଦେଖ ।

୨। ଭାଗ ୨୫.୨କୁ ଦେଖ ।

୩। ଭାଗ ୨୫.୪କୁ ଦେଖ ।

୪। ଭାଗ (କ) ୨୫.୩ (ଖ) ୨୫.୫ (ଗ) ୨୫.୬ କୁ ଦେଖ ।